# ଟାଟା ଟି' ଇଣ୍ଟର ସ୍କୁଲ ଫୁଟ୍‌ବଲ୍ : ଟାଉନ୍ ହାଇସ୍କୁଲ୍ ଚାମ୍ପିଅନ୍

ଭୁବନେଶ୍ୱର, ୨୯।୧୨ (ସବ୍ୟୁ) : ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ ଟାଟା ଟି' ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ କଳିଙ୍ଗ ଷ୍ଟାଡିୟମ୍‌ରେ ଉଦ୍‌ଯାପିତ ହୋଇଛି । ଏଥିରେ



ସମ୍ବଲପୁର ଟାଉନ୍ ହାଇସ୍କୁଲ୍ ଫାଇନାଲ୍‌ରେ କଟକର ସୟଦ ସେମିନାରୀକୁ ୩-୨ ଗୋଲରେ ପରାସ୍ତ କରି ଚାମ୍ପିଅନ୍ ହୋଇଛି । ଖ୍ୟାତନାମା ଇଣ୍ଟରମିଲନ୍ କ୍ଲବ୍ ସାରାବିଶ୍ୱରେ ଯେଉଁ ଫୁଟ୍‌ବଲ୍ ପ୍ରତିଭା ଅନ୍ୱେଷଣର ଦାୟିତ୍ୱ ନେଇଛି, ସେହି ପରିପ୍ରେକ୍ଷୀରେ କଳିଙ୍ଗ ଷ୍ଟାଡିୟମ୍‌ରେ ମୁକାବିଲା ହୋଇଥିଲା । ଏଥିରେ ୩୪ଟି ବିଦ୍ୟାଳୟ ଭାଗ ନେଇଥିଲେ । ପୂର୍ବତନ ଫୁଟ୍‌ବଲର୍ ମହମ୍ମଦ ନାସିର ପ୍ରତିଭା ଚୟନରେ ମୁଖ୍ୟ ଭାବରେ କାର୍ଯ୍ୟ କରିଥିଲେ । ଚାମ୍ପିଅନ୍ ଟାଉନ୍ ସ୍କୁଲ୍‌ର ରାକେଶ ଓରାମ ପିଏମ୍ ଏକାଡେମୀର ପ୍ରକାଶ ନାୟକଙ୍କୁ ଶ୍ରେଷ୍ଠ ପ୍ରତିଭା ମନୋନୀତ କରାଯାଇଛି । ଉଦ୍‌ଯାପନୀ ଉତ୍ସବରେ କରାଟେକା ଭାଲେନା ଭାଲେଣ୍ଟିନା, ଅରବିନ୍ଦ ମିତ୍ର, ନବରଞ୍ଜନ ପଟ୍ଟନାୟକ, ରଘୁନାଥ ପଣ୍ଡା, ନରେନ୍ଦ୍ର ସେଠି ପ୍ରମୁଖ ଯୋଗ ଦେଇଥିଲେ ।